## ସଂକ୍ଷେପରେ

### ବିବାଦୀୟ ପୋଷ୍ଟକୁ ନେଇ ହିଂସା ଘଟଣା: ଆଉ ୪ ଗିରଫ

ଧାମନଗର,୮।୧୦(ଦେବେନ୍ଦ୍ର ଆଢ଼ିଆ)

ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟକୁ ନେଇ ଧାମନଗରରେ ହିଂସା ଘଟଣାରେ ଆଉ ୪ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ୪ ଜଣଙ୍କୁ ମିଶାଇ ଏବେ ସୁଦ୍ଧା ଗିରଫ ସାଂଖ୍ୟ ୨୧ରେ ପହଞ୍ଚିଛି। ଆହୁରି ବହୁ ଅଭିଯୁକ୍ତ ଫେରାର ଅଛନ୍ତି। ଘଟଣାରେ ସାମିଲ ଥିବା ସମସ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ବିବାଦୀୟ ପୋଷ୍ଟକୁ ବିରୋଧ କରି ଶତାଧିକ ଲୋକେ ଗତ ସେପ୍ଟେମ୍ବର ୨୭ ରାତିରେ ଧାମନଗର ଥାନା ଘେରାଉ କରିବା ସହ ବିଜୁ ପଟ୍ଟନାୟକ ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଧାମନଗର ପୋଲିସ ଏହି ଘଟଣାରେ ୫ଟି ମାମଲା ରୁଜୁ କରିଥିଲା। ୫ ମାମଲାରେ ୨୦୦ରୁ ଅଧିକ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଏବେ ବି ଧାମନଗରର ବିଭିନ୍ନ ଛକ ବଜାରରେ ପୋଲିସ ମୁତୟନ ରହିଛି। ରାତ୍ରିକାଳୀନ ୧୬୩ ଧାରା ଜାରି ରହିଛି।

### ୨ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ

**ବାହାର ରାଜ୍ୟକୁ ଇ-ପିଓଏସ୍ ମେଶିନ ଯାଇଥିବା ଅଭିଯୋଗ**

ଭଣ୍ଡାରିପୋଖରୀ,୮।୧୦(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଉପଜିଲାପାଳ ଭଣ୍ଡାରିପୋଖରୀ ବ୍ଲକର ୨ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବୟାଁବନାପୁର ପଞ୍ଚାୟତର ଡିଲର ଦୋଳଗୋବିନ୍ଦ ନାୟକ ଓ ଜଳମଣ୍ଡୁଆ ପଞ୍ଚାୟତର ଡିଲର ନାରାୟଣ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀ ସମ୍ପାଦିକା ଗାୟତ୍ରୀ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ୨ ପଞ୍ଚାୟତର ରାଶନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ପାଇଁ ଡିଲରଙ୍କୁ ଯୋଗାଇ ଦିଆଯାଇଥିବା 'ଇ-ପିଓଏସ୍' ମେଶିନ ଦୀର୍ଘଦିନ ଧରି ବାହାର ରାଜ୍ୟକୁ ଯାଇଛି। ରାଜ୍ୟ ବାହାରେ ରହୁଥିବା ହିତାଧିକାରୀମାନଙ୍କଠାରୁ ୨ ହଜାର ଲେଖାଏ ଅର୍ଥ ଆଦାୟ କରି ଡିଲର 'ଇ-ପିଓଏସ୍' ମେଶିନ ନେଇ ସେମାନଙ୍କ ପାଖକୁ ଇ-କେୱାଇସି ଆଣିବାକୁ ଯାଇଛନ୍ତି। ଗାଁରେ ଥିବା ହିତାଧିକାରୀମାନେ ଇ-କେୱାଇସି ଦେବାରୁ ବଞ୍ଚିତ ହେଉଛନ୍ତି ବୋଲି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ କରି ଗତ ୪ ତାରିଖରେ ପତ୍ର ସଂଖ୍ୟା ୪୭୮୩ ମାଧମରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ସୁପାରିଶ କରିଥିଲେ। ଉପଜିଲାପାଳ ୭ ତାରିଖରେ ଆଦେଶ ସଂଖ୍ୟା ୬୫୪ ଅନୁଯାୟୀ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ୩ ଦିନ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୪୦ ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତ ଗିରଫ

ତିହିଡ଼ି,୮।୧୦(ସଞ୍ଜିତ ବଳ)

ବିଭିନ୍ନ ଥାନାରେ ୪୦ରୁ ଊର୍ଦ୍ଧ୍ୱ ମାମଲାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ତିହିଡ଼ି ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ୨ ଅଭିଯୁକ୍ତ ହେଉଛନ୍ତି ତିହିଡ଼ି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତ ଶଙ୍ଖିଡ଼ା ଗ୍ରାମର ପ୍ରସନ୍ନ ଜେନା(୪୪) ଏବଂ ତାଳପଦା ଗ୍ରାମର ଦୀପକ ନାୟକ(୨୩)। ଅଭିଯୁକ୍ତଙ୍କପାଖରୁ ଭୁଜାଲି ସହ ୮,୨୫୦ ଟଙ୍କା ପୋଲିସ ଜବତ କରିଛି। ସୋମବାର ରାତି ପ୍ରାୟ ୧୦ଟା ବେଳେ ଦୁଇଜଣ ତିହିଡ଼ି ବଜାରରେ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟ୍ କରୁଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ପୋଲିସ ୨ଜଣଙ୍କ ନାଁରେ ମାମଲା(ନଂ.୪୫୫/୨୪) ରୁଜୁ କରିଛି। ପ୍ରସନ୍ନ ନାଁରେ ବିଭିନ୍ନ ଥାନାରେ ୨୭ଟି ମାମଲା ଓ ଦୀପକ ନାଁରେ ୧୩ଟି ମକଦ୍ଦମା ଥିବା ଆଇଆଇସି ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି।

### ଇଟା କାରଖାନାରୁ ଚୋରି

ଭଦ୍ରକ,୮।୧୦(ସନାତନ ରାଉତ)

ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ତୁଳସୀ ଇଟା କାରଖାନାରୁ ଚୋରି ହୋଇଛି। ୩ଟି ମୂଲ୍ୟବାନ ମଟର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ନେଇ ଇଟା ଫ୍ୟାକ୍ଟ୍ରି ମାଲିକ ପାଳିଆବିନ୍ଧା ଗ୍ରାମର ତାପସ କୁମାର ଦାସ ସାବରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଗତ ୬ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଛି। ପୋଲିସ ଏନେଇ ଏକ ମାମଲା (ନଂ.୨୫୭/୨୪) ରୁଜୁ କରି ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ କରିଛି।

# ଘରୋଇ ପୂଜାରୁ ସାର୍ବଜନୀନ

**୭୭ ବର୍ଷରେ ଗାନ୍ଧୀପଡ଼ିଆ ଦୁର୍ଗାପୂଜା**

**ମଣ୍ଡପ ପରିସରରେ ସ୍ଥାନିତ ହେବ ପ୍ରତିଷ୍ଠାତା ସଦସ୍ୟଙ୍କ ପ୍ରତିଛବି**

ଭଦ୍ରକ,୮।୧୦ (ସନାତନ ରାଉତ)


ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ।

ଭଦ୍ରକ ଗାନ୍ଧୀପଡ଼ିଆ ସାର୍ବଜନୀନ ଦୁର୍ଗାପୂଜା ଏଥର ୭୭ବର୍ଷରେ ପଦାର୍ପଣ କରିଛି। ବୁଧବାରଠାରୁ ସପ୍ତମୀ ପୂଜା ଆରମ୍ଭ ହେବାକୁ ଥିବାବେଳେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ପାର୍ଶ୍ୱମୂର୍ତ୍ତି ନିର୍ମାଣ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୌରାଣିକ କିମ୍ବଦନ୍ତୀକୁ ନେଇ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି। ଭଦ୍ରକ ବ୍ଲକ ବାଲିପାଟଣା ଗ୍ରାମର ଶିଳ୍ପୀ ଦାମୋଦର ନାୟକ ଦୀର୍ଘ ୧୪ ବର୍ଷ ଧରି ଏହି ମଣ୍ଡପରେ ମୂର୍ତ୍ତି ତିଆରି କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ସୁନ୍ଦର ମୃଣ୍ମୟୀ ମୂର୍ତ୍ତି ବେଶ୍ ଆକର୍ଷଣୀୟ ହୋଇଛି। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୬ ଫୁଟ୍‌ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ମେଢ଼ର ଉଚ୍ଚତା ୧୫ ଫୁଟ୍ ରହିଛି। ମୂର୍ତ୍ତିରେ ଏବେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ ଦାମୋଦର। ମା'ଙ୍କର ଚାନ୍ଦି ମୁକୁଟ ଲାଗିଥିବା ବେଳେ ମହିଷାଶୂରଙ୍କର ଚାନ୍ଦି ମୁକୁଟ ଲାଗିବ। ଚଳିତ ବର୍ଷ ପୂଜାରେ ୪ ଲକ୍ଷ ଟଙ୍କାର ବଜେଟ୍ ରହିଛି। ସପ୍ତମୀଠାରୁ ଦଶହରା ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଭଜନ, ସୁଗମ ସଙ୍ଗୀତ, ମୋଗଲ ତାମସା ଆଦି ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଡ୍‌ସ ସଚେତନତା ନେଇ ଏକ କାର୍ଯ୍ୟକ୍ରମ ପୂଜା ମଣ୍ଡପରେ ଆୟୋଜନ କରାଯିବ। ପୂର୍ବ ସୂରୀମାନଙ୍କ ସମ୍ମାନାର୍ଥେ ମଣ୍ଡପ ପରିସରରେ ଏଠାରେ ପୂଜା ଆରମ୍ଭ କରିଥିବା ପୂର୍ବ ପ୍ରତିଷ୍ଠାତା ସଦସ୍ୟମାନଙ୍କର ପ୍ରତିଛବି ସ୍ଥାନିତ ହେବ। ଦୀର୍ଘ ୪୦ ବର୍ଷ ଏହି ମଣ୍ଡପର ମୂର୍ତ୍ତି ନିର୍ମାଣ କରିଥିବା କାରିଗର ମଧୁସୂଦନ ଜେନାଙ୍କ ଦେହାନ୍ତ ହୋଇଥିବାରୁ ତାଙ୍କ ସ୍ମୃତିରେ ତାଙ୍କ ପ୍ରତିଛବି ସ୍ଥାନିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି।

୧୯୨୮ ମସିହାରେ କାମାକ୍ଷା ଚରଣ ଘୋଷ ନିଜ ଘରେ ଦୁର୍ଗା ପୂଜା ଆରମ୍ଭ କରିଥିଲେ। ପରେ ଏହି ଘରୋଇ ପୂଜା ସାର୍ବଜନୀନ ପୂଜାର ରୂପ ନେଇଥିଲା। ୧୯୪୮ରେ ଗାନ୍ଧୀପଡ଼ିଆ, ନରିପୁର, ନୂଆବଜାର, ବଙ୍କସାହି ଓ ଚନ୍ଦନବଜାର ଅଞ୍ଚଳର ଅଧିବାସୀମାନଙ୍କ ସହଯୋଗରେ ଭଦ୍ରକରେ ସାଳନ୍ଦୀ ନଦୀବନ୍ଧ ଶିମିଳି ଗଛ ମୂଳରେ ସାର୍ବଜନୀନ ପୂଜା ଆରମ୍ଭ ହୋଇଥିଲା। ୧୯୫୭ରେ ନଦୀବନ୍ଧ କଡ଼ରୁ ପୂଜା ଗାନ୍ଧୀପଡ଼ିଆ ମଣ୍ଡପକୁ ସ୍ଥାନାନ୍ତର ହୋଇଥିଲା। ୧୯୬୦ରେ ସିମେଣ୍ଟର ପୂଜା ମଣ୍ଡପ ନିର୍ମାଣ ଆରମ୍ଭ ହୋଇ ୧୯୭୧ରେ ଛାତ ପଡ଼ିଥିଲା। ନୂଆବଜାର ବ୍ୟବସାୟୀ ଓ ସ୍ଥାନୀୟ ଅଧିବାସୀଙ୍କ ସମର୍ଥନ, ସହଯୋଗରେ ଏହି ପୂଜା ୭୭ ବର୍ଷରେ ପହଞ୍ଚିପାରିଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ସଭାପତି ସୌମାଭ କୁମାର ଦେ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଗୁପ୍ତା, ସଦସ୍ୟ ନିଖିଳେଶ ଘୋଷଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ପୂଜା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ପୂଜାକୁ ଆରମ୍ଭ କରିଥିବା ଦୀନବନ୍ଧୁ ମିତ୍ର, ଡା. ନୀହାର ଚନ୍ଦ୍ର ଘୋଷ, ସତୀଶ ଦେ, ବଳରାମ ସାହୁ, ରାମଚନ୍ଦ୍ର ସାହୁ, ପ୍ରାଣକୃଷ୍ଣ ବିଶ୍ୱାଳ, ମଦନଲାଲ ଶର୍ମା, ରଘୁନାଥ କର, ରାମଟାଲ ସିଂ, ମୁଲଚାନ୍ଦ ହୀରାଲାଲ, ଶେଖ୍ ସାଦତ ଅଲ୍ଲୀ, ମୂରଲୀ ମନୋହର ପ୍ରଭୁ ଦୟାଲ, ସୁବାଷ ଦେ, ସାନନ୍ଦ ପ୍ରସାଦ ସାହୁ ଓ ରାମେଶ୍ୱର ଲାଲ ଗୁପ୍ତା ସମସ୍ତେ ପରଲୋକ ଗମନ କରିସାରିଛନ୍ତି।

# ମନ୍ଦିରରେ ପୂଜା ପାଆନ୍ତି ମା'

**ସଜେଇ ହେଲାଣି ନନ୍ଦପୁର ବଜାର**

ତିହିଡ଼ି,୮।୧୦(ସଞ୍ଜିତ ବଳ)


ପୂଜାସ୍ଥଳର ପ୍ରବେଶ ପଥରେ ନିର୍ମିତ ତୋରଣ।

ଦୁର୍ଗାପୂଜା ପାଇଁ ସଜେଇ ହେଲାଣି ତିହିଡ଼ି ବ୍ଲକ ଅଚକ ପଞ୍ଚାୟତର ନନ୍ଦପୁର ବଜାର। ଚଳିତବର୍ଷ ଏହି ପୂଜା ୭୬ ବର୍ଷରେ ପଦାର୍ପଣ କରିଛି। ଏଠାରେ ମନ୍ଦିରରେ ମା' ଦୁର୍ଗା ପୂଜା ପାଆନ୍ତି। ଦୁର୍ଗାପୂଜାର ଚୂଡ଼ାନ୍ତ ରୂପରେଖ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ମା' ଦୁର୍ଗାଙ୍କ ମୂର୍ତ୍ତି ଓ ପାର୍ଶ୍ୱମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ମଣ୍ଡପଠାରୁ ପ୍ରବେଶ ପଥ ଆକର୍ଷଣୀୟ କରିବା ପାଇଁ ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା ଚାଲିଛି। ପୂଜା କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀ ପୂଜାର ସଫଳ ରୂପାୟନ ପାଇଁ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

ତାଳପଦାର ଜମିଦାର ଇନ୍ଦ୍ରମଣି ମହାପାତ୍ର ୧୯୪୮ରେ ଏହି ପୂଜା ଆରମ୍ଭ କରିଥିଲେ। ପରେ ସ୍ୱର୍ଗତ ରବି ଭୋଇ, ବାଇଧର ପତି, ବାଞ୍ଛାନିଧି ଭୋଇ, ବାଇଧର ନାୟକ, ଗୟାଧର ଜେନା ପ୍ରମୁଖଙ୍କ ଉଦ୍ୟମରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କଟକର ଶ୍ରୀଧର ରଣା ନାମକ ଶିଳ୍ପୀ ସେହି ସମୟରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରୁଥିଲେ। ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ମା'ଙ୍କୁ ପ୍ରତ୍ୟକ୍ଷ ଦେବୀ ଭାବେ ମାନିଥାନ୍ତି। ଘରୁ ବାହାରକୁ ଯିବା ସମୟରେ ଲୋକେ ମନ୍ଦିରରେ ମା'ଙ୍କ ଆସ୍ଥାନକୁ ପ୍ରଣାମ କରିଥାନ୍ତି। ୫ଦିନ ଧରି ମା' ପୂଜା ପାଇବେ। ଏଠାରେ ନିଆରା ପୂଜାବିଧି ପ୍ରଚଳିତ। ଗଣେଶ ଚତୁର୍ଥୀ ଦିନ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଯାଇଥାଏ। ଏହାବ୍ୟତୀତ ରାଧାଷ୍ଟମୀରେ ମୂର୍ତ୍ତିକୁ ଏକମାଟିଆ ଓ ମହାଳୟାରେ ଦୋମାଟିଆ ପରେ ରଙ୍ଗ କାର୍ଯ୍ୟ କରାଯାଏ। ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥାନ୍ତି। ପୂଜାକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା ଲାଗି ଏକ କମିଟି ଗଠନ କରାଯାଇଛି। କମିଟିର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ପାଦକ କମଳାକାନ୍ତ ସାହୁ ଏବଂ ଉପଦେଷ୍ଟା ଭାବେ ସମିତିସଭ୍ୟାଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ଭୋଇ, ଆଇନଜୀବୀ ନିକୁଞ୍ଜ ପୁହାଣଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ଅଛନ୍ତି। ପୂଜାର ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

# ଟୋକା ଗଣେଶଙ୍କ ଭସାଣି



ଟୋକା ଗଣେଶଙ୍କୁ ଭସାଣି ପାଇଁ ନିଆଯାଉଛି।

ଭଦ୍ରକ,୮।୧୦(ସନାତନ ରାଉତ)

ଭଦ୍ରକ ପୁରୁଣାବଜାରଠାରେ ଏକ ମାସ ଧରି ପୂଜା ପାଉଥିବା ଚାନ୍ଦିମେଢ଼ରେ ତିଆରି ହୋଇଥିବା ବାବା ଟୋକା ଗଣେଶଙ୍କୁ ମଙ୍ଗଳବାର ଧୂମ୍‌ଧାମ୍‌ରେ ବିଦାୟ ଦିଆଯାଇଛି। ଦୁଲ୍‌ଦୁଲି ବାଜା, ସିଂହବାଜା, ଆଦିବାସୀ ନୃତ୍ୟ, ବ୍ୟାଣ୍ଡପାର୍ଟି, ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ପାରମ୍ପରିକ ବାଦ୍ୟନୃତ୍ୟ ସହ ପୂଜା ମଣ୍ଡପଠାରୁ ବିରାଟ ଶୋଭାଯାତ୍ରା ବାହାରି ପୁରୁଣାବଜାରର ସମସ୍ତ ସାହି ବସ୍ତି ପରିକ୍ରମା କରିବା ପରେ ସାଳନ୍ଦୀ ନଦୀର ଆଶ୍ରମ ଘାଟରେ ମେଢ଼ ବିସର୍ଜନ କରାଯାଇଛି। ଦୀର୍ଘ ସମୟ ଧରି ଚାଲିଥିବା ଏହି ଶୋଭାଯାତ୍ରା ଦେଖିବାକୁ ରାସ୍ତାର ଉଭୟପାର୍ଶ୍ୱରେ ହଜାର ହଜାର ସଂଖ୍ୟାର ଲୋକଙ୍କ ଭିଡ଼ ଜମିଥିଲା। ପୁରୁଣାବଜାର ଅଞ୍ଚଳର ଉଭୟ ସମ୍ପ୍ରଦାୟର ଲୋକେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ମଡ଼କର୍ ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶରେ ଶତାଧିକ ଅଫିସର ଉପସ୍ଥିତ ଥିବାବେଳେ ୧୮ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲା। ପୂଜା କମିଟିର ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁଙ୍କ ସମେତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଭସାଣି ହୋଇଥିଲା।

### ଜ୍ଞାନୀ ଦେବାଶିଷ ପାଇବେ 'ବସନ୍ତ ମୁଦୁଲି କବିତା ପୁରସ୍କାର'

ଭଦ୍ରକ,୮।୧୦ (ସନାତନ ରାଉତ)



କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'କବି ବସନ୍ତ ମୁଦୁଲି କବିତା ପୁରସ୍କାର'-୨୦୨୪ ବର୍ଷ ପାଇଁ ରାଜ୍ୟର ସୁପରିଚିତ ଯୁବକବି ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ଚୟନ କରାଯାଇଛି। ସ୍ମୃତି ସଂସଦର ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ଘୋଷଣା କରାଯାଇଛି। ଆସନ୍ତା ନଭେମ୍ବର ୩ରେ ସଂସ୍କୃତି ଭବନଠାରେ ହେବାକୁ ଥିବା ୩୮ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଦେବାଶିଷ ଓଡ଼ିଆ କବିତା କ୍ଷେତ୍ରରେ ବେଶ୍ ପରିଚିତ ଏବଂ ଓଡ଼ିଆ କବିତାରେ ନିଜସ୍ୱ ଛାପ ଛାଡ଼ିଛନ୍ତି। ୧୯୮୫ ମସିହାରେ ନୟାଗଡ଼ଠାରେ ଜନ୍ମଗ୍ରହଣ କରିଥିବା କବି ମିଶ୍ର ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ। ବୈଠକରେ ସଂସଦର ଉପଦେଷ୍ଟା ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଶାନ୍ତନୁ ମହାପାତ୍ର, ରବୀନ୍ଦ୍ର କୁମାର ପଣ୍ଡା, ଉପସଭାପତି କବି କିଶୋର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଅମିତାଭ ଖିଲାର, ସଂଯୋଜକ ଅରୁଣ ଖିଲାର, କବିଙ୍କ ପତ୍ନୀ ସୁନନ୍ଦା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଧାମନଗର ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ



ଧାମନଗର, ୮।୧୦(ଦେବେନ୍ଦ୍ର ଆଢ଼ିଆ)

ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଧାମନଗର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ଅଜୟ କୁମାର ବେଜଙ୍କୁ ନିଜ ବିଷୟରେ ଶିକ୍ଷାଦାନ ସହ କଲେଜର ନୂତନ ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ମହାବିଦ୍ୟାଳୟର ସୁପରିଚାଳନା ନିମନ୍ତେ ଅଜୟଙ୍କୁ ଅର୍ଥ ଉଠାଣ ଓ ବିତରଣ ଅଧିକାରୀ ରୂପେ ତୁରନ୍ତ କାର୍ଯ୍ୟ କରିବା ପାଇଁ ଅନୁମତି ମିଳିଛି। ଏହି ଅବସରରେ ମଙ୍ଗଳବାର କଲେଜ ପରିସରରେ ବରିଷ୍ଠ ଅଧ୍ୟାପକ ସମୀର କୁମାର ହୁଇ, ପ୍ରଦୀପ କୁମାର ରାୟଙ୍କ ସମେତ କଲେଜର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ କରାଯିବ ବୋଲି ନୂତନ ଅଧ୍ୟକ୍ଷ କହିଛନ୍ତି।

ପ୍ରକାଶଥାଉ କି, ଏହି ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦକୁ ନେଇ ବାଦବିବାଦ ଲାଗି ରହିଥିଲା। ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ଇସ୍ରାଇଲଙ୍କୁ ପାଳିଆସ୍ଥିତ ବିଏନ୍‌ଏମ୍‌ଏ କଲେଜକୁ ବଦଳି ପରେ ଧାମନଗର କଲେଜରେ କିଏ ଅଧ୍ୟକ୍ଷ ହେବେ, ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା।

# ସରପଞ୍ଚ ହାତେଇଛନ୍ତି ରାଶନ କାର୍ଡ

**ବିଡିଓଙ୍କ ନିକଟରେ ଅଭିଯୋଗ କଲା ଭାଜପା**

ଚାନ୍ଦବାଲି, ୮।୧୦ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଜଳେଶରପୁର ପଞ୍ଚାୟତ ସରପଞ୍ଚ ରାଶନ କାର୍ଡ ହାତେଇଥିବା ନେଇ ଭାଜପା ପକ୍ଷରୁ ସୋମବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ରାଶନ କାର୍ଡ ନମ୍ବର-୦୪୦୫୧୫୧୦୬୮୮ରେ ପରିବାର ମୁଖ୍ୟ ଭାବେ ସରପଞ୍ଚଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ବେଳେ କାର୍ଡ ନମ୍ବର ୦୪୦୫୧୫୧୧୦୩୮ରେ ସରପଞ୍ଚଙ୍କ ଭାଇଙ୍କ ସ୍ତ୍ରୀଙ୍କ ନାମରେ ରହିଛି। ବ୍ଲକରେ ଅନେକ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ ଜଣେ ସରପଞ୍ଚ ଓ ତାଙ୍କ ପରିବାର ଲୋକ କାର୍ଡ ହାତେଇବା ବେଆଇନ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ନେତା ରମାକାନ୍ତ ଭଳ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅପରପକ୍ଷେ ସରପଞ୍ଚଙ୍କ ଭାଇଙ୍କ ସ୍ତ୍ରୀ ରାଶନ ବଣ୍ଟନ ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ଥିବାବେଳେ ତାଙ୍କର ଦୁଇ ମହଲା କୋଠା ସହ ଚାରିଚକିଆ ଯାନ ରହିଛି। ଏସବୁ ପରେ ଜଣେ ଅଯୋଗ୍ୟ ରାଶନ କାର୍ଡ ହାତେଇଥିବା ଭାଜପା ନେତା ଚନ୍ଦନ ରାଉତ, ରମାକାନ୍ତ ଓ ଶଙ୍କର ସେନାପତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅସିତ୍ କୁମାର ମହାନ୍ତିଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବ୍ୟବସାୟ ପାଇଁ ଋଣ ଆଣି ପରିଶୋଧ କଲେନି, ଦମ୍ପତି ଗିରଫ

ଭଦ୍ରକ,୮।୧୦(ରବିନାରାୟଣ ଖିଲାର)

ନିଜ ବ୍ୟବସାୟ ପାଇଁ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାଠାରୁ ଋଣ ଆଣି ପରେ ପରିଶୋଧ ନ କରି ଏକ ଦମ୍ପତି କୋର୍ଟଙ୍କ ଆଦେଶ ବଳରେ ଗିରଫ ହୋଇଛନ୍ତି। ଗିରଫ ଦମ୍ପତି ହେଉଛନ୍ତି ଭଦ୍ରକ ତହସିଲ ଅଧୀନ ଜଗନ୍ନାଥ ଟ୍ରେଡର୍ସ ନାମକ ଏକ ବ୍ୟାବସାୟିକ ସଂସ୍ଥାର ମାଲିକ ଅନିଲ କୁମାର ଖଣ୍ଡେଲୱାଲ ଓ ପାର୍ଟନର ମୀରା ଖଣ୍ଡେଲୱାଲ। ସୂଚନା ଅନୁଯାୟୀ, ସେମାନେ 'ଚୋଳ ମଣ୍ଡଳ ଫାଇନାନ୍ସ' ନାମକ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାଠାରୁ ୨୦୨୨ ଅଗଷ୍ଟ ୧୯ରେ ୫ ଲକ୍ଷ ଟଙ୍କା ନିଜ ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ଋଣ ନେଇଥିଲେ। ଋଣର ମାସିକ କିସ୍ତି ଜରିଆରେ ୨୦୨୫ ସେପ୍ଟେମ୍ବର ସୁଦ୍ଧା ସୁଝିବାର ଥିଲା। ଋଣ ନେବାଠାରୁ ଋଣ ପରିଶୋଧ ଦୂରର କଥା ଚୁକ୍ତି ଅନୁଯାୟୀ ଗୋଟିଏ ବି କିସ୍ତି ଦେଇ ନ ଥିଲେ। ଏଥିନେଇ ଉକ୍ତ ସଂସ୍ଥା ଋଣଗ୍ରହୀତାଙ୍କ ବିରୋଧରେ ଏକ ମାମଲା କୋଲକାତାସ୍ଥିତ ମେଟ୍ରୋପଲିଟାନ କୋର୍ଟରେ ଦାୟର କରିଥିଲେ। କୋର୍ଟ ଋଣଗ୍ରହୀତାଙ୍କୁ ବାରମ୍ବାର ନୋଟିସ ଜାରି କରିଥିଲେ ମଧ୍ୟ ଏହାର ଉତ୍ତର ମିଳି ନ ଥିଲା। ଶେଷରେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଉଭୟ ଅନିଲ ଓ ପାର୍ଟନର ମୀରାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ସହ ଏନେଇ ଭଦ୍ରକ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଭଦ୍ରକ ଟାଉନ ପୋଲିସ ଋଣ ଖିଲାପି ଉକ୍ତ ଦମ୍ପତିଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ଭଦ୍ରକର ବୀରେନ୍ଦ୍ର ମନୋନୀତ

**ପୂର୍ବାଞ୍ଚଳସ୍ତରୀୟ ଜୁନିୟର ଆଥ୍‌ଲେଟିକ ମିଟ୍**

ଭଦ୍ରକ,୮।୧୦(ସନାତନ ରାଉତ)


ବୀରେନ୍ଦ୍ର କୁମାର ସାହୁ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୩୫ତମ ପୂର୍ବାଞ୍ଚଳସ୍ତରୀୟ ଜୁନିୟର ଆଥ୍‌ଲେଟିକ୍ ମିଟ୍ ପ୍ରତିଯୋଗିତା ନିମନ୍ତେ ମନୋନୀତ ଖେଳାଳିଙ୍କ ମଧ୍ୟରେ ବାଳକ ଦଳରେ ଭଦ୍ରକ ଜିଲାରୁ ବୀରେନ୍ଦ୍ର କୁମାର ସାହୁ ଲଙ୍ଗଜମ୍ପ ଇଭେଣ୍ଟରେ ସ୍ଥାନ ପାଇଛନ୍ତି। ଭଦ୍ରକ ବ୍ଲକ ଅଧୀନ ରାନ୍ଦିଆ ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରକାଶ ସାହୁ ଓ ମିଳିରାଣୀ ନାୟକଙ୍କ ପୁଅ ବୀରେନ୍ଦ୍ର ସତ୍ୟସାଇ ସ୍କୁଲରେ ୧୦ମ ଶ୍ରେଣୀରେ ପଢ଼ୁଛନ୍ତି। ଜଗନ୍ନାଥପୁରସ୍ଥିତ ଭଦ୍ରକ ଆଥ୍‌ଲେଟିକ୍ ଏକାଡେମୀରେ ନିୟମିତ ଅଭ୍ୟାସ ଜାରି ରଖିଛନ୍ତି। ସେ ଚଳିତବର୍ଷ ୧୬ ବର୍ଷରୁ କମ୍ ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ମିଟ୍‌ରେ ଲଙ୍ଗଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲା ଆଥ୍‌ଲେଟିକ ସଂଘର ସମ୍ପାଦକ ଧିରେନ ପଲାଇ, ଭଦ୍ରକ ଆଥ୍‌ଲେଟିକ ଏକାଡେମୀର ପ୍ରତିଷ୍ଠାତା ତଥା କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ ଓ କ୍ରୀଡ଼ା ଶିକ୍ଷକ ରବିନାରାୟଣ ଓଝା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

# ଧାମନଗରରେ ନୂତନ ଉପଜିଲାପାଳଙ୍କ ସମୀକ୍ଷା

**ଖାନ୍‌କା ସରିଫ୍ ପରିଦର୍ଶନ କଲେ**

ଧାମନଗର,୮।୧୦ (ସନ୍ତୋଷ କୁମାର ମହାପାତ୍ର)


ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଧାମନଗର ଖାନ୍‌କା ପରିସର ପରିଦର୍ଶନ କରୁଛନ୍ତି।

ଭଦ୍ରକର ନୂତନ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ମଙ୍ଗଳବାର ଧାମନଗର ଗସ୍ତ କରିଛନ୍ତି। ତହସିଲ କାର୍ଯ୍ୟାଳୟ ଓ ଖାନ୍‌କା ସରିଫ୍‌କୁ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରଥମେ ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତହସିଲଦାର ଦୀପକ କୁମାର ଦାସ ଓ ଅତିରିକ୍ତ ତହସିଲଦାର ସାଇ ସିଲୋନା ନୂତନ ଉପଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଧାମନଗରର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଲୋଚନା କରିବା ପରେ ବ୍ଲକ କୃଷି ଅଧିକାରୀ, ସମିତି କର୍ମଚାରୀ ଏବଂ ଅନ୍ୟ ଅଧିକାରୀଙ୍କୁ ନେଇ ଡିଜିଟାଲ କ୍ରପ ସର୍ଭେ ସହ ଅନ୍ୟାନ୍ୟ ବିଷୟ ଉପରେ ସମୀକ୍ଷା କରିଥିଲେ। ବିଡିଓ ବନବିହାରୀ ଦିଣ୍ଡା, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଫନୀନ୍ଦ୍ର ଭୂଷଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ନଭେମ୍ବରରେ ଉର୍ସ ଉତ୍ସବ ଥିବାରୁ ଉପଜିଲାପାଳ ଧାମନଗର ଖାନ୍‌କା ସରିଫ୍ ପରିସର ପରିଦର୍ଶନ କରିଛନ୍ତି। ସେଠାରେ ଉର୍ସ କମିଟି ସହ ଆଲୋଚନା କରିଥିଲେ। ସିସିଟିଭି ବ୍ୟବହାରକୁ ଗୁରୁତ୍ୱ ଦେବା, ଗାଡ଼ି ପାର୍କିଂ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ପରିସରରେ ପିଇବା ପାଣି ପାଇପ୍ କାମ ଓ ରାସ୍ତା ମରାମତି କାର୍ଯ୍ୟ ଶୀଘ୍ର ଶେଷ କରିବା ଉପରେ ଉପଜିଲାପାଳ ଗୁରୁତ୍ୱ ଦେଇଥିଲେ। ଖାନ୍‌କା ସରିଫ୍ ପରିସର ବୁଲି ଦେଖିଥିଲେ।

# ଆଜି ବାରିପଦା ଆସିବେ ମୁଖ୍ୟମନ୍ତ୍ରୀ

ବାରିପଦା,୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ରାଶି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଛଉ ପଡ଼ିଆରେ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ଅର୍ଥ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଯିବ। ଏଥିନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସହରର ଟ୍ରାଫିକ ବ୍ୟବସ୍ଥାଠାରୁ ଆରମ୍ଭକରି ଶାନ୍ତିଶୃଙ୍ଖଳା ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି।

## ବାଣ୍ଟିବେ 'ସୁଭଦ୍ରା' ଦ୍ୱିତୀୟ ପର୍ଯ୍ୟାୟ କିସ୍ତି

ମୁଖ୍ୟମନ୍ତ୍ରୀ ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ଭଞ୍ଜପୁରସ୍ଥିତ ପୋଲିସ ରିଜର୍ଭ ପଡ଼ିଆର ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବେ। ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ ପୂର୍ବାହ୍ନ ୧୧ଟାରେ ବାରିପଦା ଛଉ ପଡ଼ିଆରେ ପହଞ୍ଚି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମରେ ଅନେକ ହଜାର ମହିଳାଙ୍କ ଉପସ୍ଥିତି ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାର୍ବଣ ସମୟରେ କାର୍ଯ୍ୟକ୍ରମରେ ଲୋକଙ୍କ ଭିଡ଼ ଓ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହର ମଧ୍ୟରେ ଥିବା ବସ୍‌ଷ୍ଟାଣ୍ଡକୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବସ୍ ପ୍ରବେଶ ବାରଣ କରାଯାଇଛି। ଦାରଗାଡ଼ିହି ଓ କେସି ସର୍କଲସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ବସ୍‌ଗୁଡ଼ିକ ଚଳପ୍ରଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଇନ ଶୃଙ୍ଖଳାକୁ ନେଇ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଜିଲାପାଳ ହେମକାନ୍ତ ସାଏ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି କାର୍ଯ୍ୟକ୍ରମର ସଫଳତାକୁ ନେଇ ଅଧିକାରୀଙ୍କ ସହ ସଭାସ୍ଥଳରେ ଉପସ୍ଥିତ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗତ ସେପ୍ଟେମ୍ବର ୨୨ରେ ମୁଖ୍ୟମନ୍ତ୍ରୀଙ୍କ ବାରିପଦା ବିକାଶ ମେଳା ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ତେବେ 'ସୁଭଦ୍ରା' ଯୋଜନା କାର୍ଯ୍ୟକ୍ରମ ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ବାରିପଦା ଆସିବାକୁ ଥିବାରୁ ଜିଲାବାସୀ ଖୁବ୍ ଉତ୍ସାହିତ ଥିବା ଜଣାପଡ଼ିଛି।

## ଉପଜିଲାପାଳଙ୍କୁ ଭେଟିଲେ ଭଞ୍ଜସେନା କର୍ମକର୍ତ୍ତା



ଆଲୋଚନାରେ ଉପସ୍ଥିତ ଭଞ୍ଜସେନା କାର୍ଯ୍ୟକର୍ତ୍ତା ଓ ସେବାୟତମାନେ।

ବାରିପଦା,୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ

ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ଏବଂ ସେବାୟତ ମାନଙ୍କ ଭତ୍ତା ପ୍ରଦାନରେ ବିଳମ୍ବତାକୁ ନେଇ ଛାତ୍ର ସଂଗଠନ ଭଞ୍ଜ ସେନା ପକ୍ଷରୁ ଆଲୋଚନା କରାଯାଇଛି। ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଏକ ପ୍ରତିନିଧି ଦଳ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତି ଓ ସେବାୟତମାନେ ଉପସ୍ଥିତ ଥିଲେ। ସନ୍ଧ୍ୟା ସୁଦ୍ଧା ସେବାୟତମାନେ ଭତ୍ତା ପାଇବାର ନିର୍ଭର ପ୍ରତିଶ୍ରୁତି ଉପଜିଲାପାଳ ଦେବା ସହ ବିଭିନ୍ନ ସମୟରେ ମହାପ୍ରଭୁଙ୍କ ନୀତି କାନ୍ତିରେ ବିଭ୍ରାଟ ଦେଖା ଯାଉଥିବାରୁ ଆସନ୍ତା ୧୮ ତାରିଖରେ ପୁନଶ୍ଚ ସମସ୍ୟାର ସମାଧାନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଆବଶ୍ୟକ ପଡ଼ିଲେ ଜିଲାର ସାମାଜିକ କର୍ମୀ, ଭକ୍ତ ଓ ବଦାନ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ କମିଟି ଗଠନ କରିବ ବୋଲି ସଭାପତି ପିଣ୍ଟୁ ମାଇତି କହିଛନ୍ତି। ଆଲୋଚନାରେ ସଙ୍ଗଠନ ଆବାହକ ରାକେଶ ବେହେରା, ସହର ସଭାପତି ରାକେଶ ମହାନ୍ତି, ଯୁବ ସଭାପତି ଏସ. କେ ରାଜା ଖାନ, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ମାନସ ବେହେରା ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

କୁଳିଅଣା,୮।୧୦(ଆଦିକନ୍ଦ ସାହୁ)

ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ କୁଳିଅଣା ବ୍ଲକ ଅଧୀନ କୁଳିଅଣା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ସୁକୁଆପଡ଼ା ଛକଠାରୁ ପଦଯାତ୍ରା ଆରମ୍ଭ ହୋଇ କୁଳିଅଣା ବଜାର ପରିକ୍ରମା କରି ବାଲିମୁଣ୍ଡୁଳି ଛକଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ବିଜୁ ଜନତା ଦଳର ନେତା ଓ କର୍ମୀ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ। ବାଙ୍ଗିରିପୋଷି ପୂର୍ବତନ ବିଧାୟକ ସୁଦାମ ମାର୍ଣ୍ଡି, ଜିଲା ପରିଷଦ ସଦସ୍ୟ ଦୁର୍ଗା ମାର୍ଣ୍ଡି, ଆନନ୍ଦ ଟୁଡୁ, ପୂର୍ବତନ ସରପଞ୍ଚ କରୁଣା କର ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ।

# ମନ ମୋହୁଛି ଆକର୍ଷଣୀୟ ତୋରଣ

ମୋରଡା,୮।୧୦(ସ୍ୱାରକ ମାଜୀ)

## ଚିତ୍ରଡ଼ା ବସଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜା କମିଟି

ପାର୍ବଣ ଋତୁ ଆରମ୍ଭ ହୋଇସାରିଛି। ସାରା ରାଜ୍ୟରେ ଏବେ ଉତ୍ସବର ମାହୋଲ। ଏଥିରୁ ବାଦ୍ ପଡ଼ିନାହିଁ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ବିଭିନ୍ନ ପୂଜା କମିଟି। ପ୍ରତିବର୍ଷ ପରି ଚଳିତ ବର୍ଷ ପୂଜା କମିଟିଗୁଡ଼ିକ ଧୁମଧାମରେ ପାଳନ କରିବାକୁ ପ୍ରସ୍ତୁତି କରି ସାରିଛନ୍ତି । ଏହି ଅବସରରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚିତ୍ରଡ଼ା ବସଷ୍ଟାଣ୍ଡଠାରେ ହୋଇଥିବା ଆକର୍ଷଣୀୟ ତୋରଣ ଦର୍ଶକଙ୍କ ମନ ମୋହୁଛି। ଉକ୍ତ ତୋରଣ ୬୦ ଫୁଟର ଓସାର ଓ ୪୦ ଫୁଟ ଉଚ୍ଚ ହୋଇଥିବା ବେଳେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବଙ୍ଗୀୟ କାରିଗରମାନେ ପ୍ରସ୍ତୁତ କରିଛନ୍ତି। ସେହିପରି ବଙ୍ଗୀୟ କାରିଗରଙ୍କ ଦ୍ୱାରା ମା'ଙ୍କ ସୁନ୍ଦର ମୂର୍ତ୍ତି ସହିତ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ମଧ୍ୟ ବେଶ ସୁନ୍ଦର ହୋଇଛି। ସୁନ୍ଦର ଆଲୋକମାଳା ସାଜସଜ୍ଜା ଉପରେ କମିଟି ବେଶ ଗୁରୁତ୍ୱ ଦେଇଛି। ଦିନ ଅପେକ୍ଷା ରାତିରେ ଉକ୍ତ ତୋରଣ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଚଳିତ ବର୍ଷ ପୂଜାର ବଜେଟ ୮ ଲକ୍ଷ ଟଙ୍କାର ବୋଲି କମିଟି ସୂଚନା ଦେଇଛି।



ଚିତ୍ରଡ଼ା ବସଷ୍ଟାଣ୍ଡଠାରେ ନିର୍ମିତ ତୋରଣ।

କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆଗକୁ ମଧ୍ୟ ଏପରି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡ଼ିଛି। ଦଶମୀ ଦିନ ମା'ଙ୍କ ପାଖରେ ଦହି ପଖାଳ ଭୋଗ ଲାଗି ହୁଏ ଏବଂ ପୂଜା ଶେଷ ହେବା ପରେ ଭକ୍ତଙ୍କୁ ଦହି ପଖାଳ ସହିତ ରୋହି ମାଛ ଭୋଗ ବଣ୍ଟନ କରାଯିବାର ପରମ୍ପରା ରହିଛି ।

ଶାନ୍ତି ଶୃଙ୍ଖଳା ରକ୍ଷା କରିବା ତଥା ସୁରୁଖୁରୁରେ ପରିଚାଳନା ପାଇଁ କମିଟିର ଶହେରୁ ଊର୍ଦ୍ଧ୍ୱ ସଦସ୍ୟ ନିୟୋଜିତ ଅଛନ୍ତି। ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସେହିପରି ବ୍ଲକ ଅଞ୍ଚଳର ଚିତ୍ରଡ଼ା ସାପ୍ଲାଇ ଛକ, ମାଳିହତା, ବରକନ୍ଦ, ଝିଙ୍କିରିଆ, ପାରିଆକୁଲି, ବାରମାଇଲ, ଦାନ୍ତିଆମୁହାଁ,ଗଡିଆ ପ୍ରଭୃତି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ସମସ୍ତ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ସୂଚନା ମିଳିଛି।

# ଜାତୀୟସ୍ତରରେ ପ୍ରଧାନ ଶିକ୍ଷକ ସମ୍ମାନିତ

ବାରିପଦା,୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଇକୋନୋମିକ ଗ୍ରୋଥ ଫାଉଣ୍ଡେଶନ ପକ୍ଷରୁ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କୁ ଶିକ୍ଷାଦାନ ଓ ବିଦ୍ୟାଳୟ ପ୍ରଶାସନରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । ସୂଚନାଯୋଗ୍ୟ ପ୍ରଧାନ ଶିକ୍ଷକ ମିଶ୍ର ଏଥିପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ବିଦ୍ୟାଳୟ ସମୂହରେ ଶିକ୍ଷାଦାନ କରିବା ସହ ମୟୂରଭଞ୍ଜ ଜିଲା ବିଜ୍ଞାନ ପରିଦର୍ଶକ ଭାବେ ସଫଳତାର ସହ କାର୍ଯ୍ୟ କରି ବହୁବାର ଜିଲା ,ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି । ଜଣେ କବି ଭାବେ ତାଙ୍କର ୧୬ଟି କବିତା ପୁସ୍ତକ ଅଦ୍ୟାବଧି ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି। କବିତା ପୁସ୍ତକ ବ୍ୟତୀତ ତାଙ୍କ ଲିଖିତ ଅନେକ ଶିକ୍ଷଣୀୟ ପୁସ୍ତକ ବେଶ ଉପାଦେୟ। ପ୍ରଧାନ ଶିକ୍ଷକ ମିଶ୍ର ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଥିବା ବେଳେ ରାଜ୍ୟର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ସର୍ବୋପରି ବହୁ ସାହିତ୍ୟିକ ଅଭିନନ୍ଦନ ଜଣାଇଛନ୍ତି। ତେବେ ଶାରୀରିକ ଅସୁସ୍ଥତା ପାଇଁ ପ୍ରଧାନ ଶିକ୍ଷକ ମିଶ୍ର ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାରି ନ ଥିଲେ।

# ଜିଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର

ଉଦଳା,୭।୧୦(ସନ୍ତୋଷ କୁମାର ବାଛିନୀ)

ଉଦଳା ପ୍ରାଣୀ ଚିକିତ୍ସାଳୟ ପରିସରରେ ଗୋପାଳନ ନିମନ୍ତେ ଏକ ଜିଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ଗୋପାଳ ଚନ୍ଦ୍ର ବଳ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ. କୁନ୍ଦନ କୁମାର ପଣ୍ଡା, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା.ଶରତ କୁମାର ପାତ୍ର ଉପସ୍ଥିତ ରହି ପ୍ରଶିକ୍ଷଣ ଦକ୍ଷତା ବିକାଶ ଓ ଗୋପାଳନ ଉପରେ ଉପସ୍ଥିତ ଗୋପାଳକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ପ୍ରଣୟନ ଓ ତାହାର ଉପକାରିତା ସମ୍ପର୍କରେ ଚାଷୀମାଙ୍କୁ ପ୍ରଶିକ୍ଷଣ ଶିବିରରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଶିବିରରେ ପ୍ରାୟ ୨୦ରୁ ଅଧିକ ମହିଳା, ପୁରୁଷ ଗୋପାଳନ ଯୋଗଦାନ କରିଥିଲେ।

# କେନ୍ଦୁଝର

## ପୋଲ ଉପରେ କାର୍ ଦୁର୍ଘଟଣାଗ୍ରସ୍ତ, ଦମ୍ପତି ଗୁରୁତର

### ବିଲ ଭିତରକୁ ପଶିଗଲା ବୋଲେରୋ



ପାଟଣା, ୮।୧୦ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ମଙ୍ଗଳବାର ପୃଥକ୍ ଦୁର୍ଘଟଣା ଘଟିଛି। ତୁରୁମୁଙ୍ଗା ଦେଇ ଯାଇଥିବା ମୁମ୍ବାଇ-କୋଲକାତା ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ବୈତରଣୀ ନଦୀ ପୋଲ ଉପରେ ଏକ କାର୍ ଦୁର୍ଘଟଣା ଘଟି ୪ ଥର ଓଲଟି ପଡ଼ିଛି। କାର୍‌ରେ ଥିବା ଦମ୍ପତି ଗୁରୁତର ହୋଇଛନ୍ତି। କେନ୍ଦୁଝରରୁ ପଶ୍ଚିମବଙ୍ଗ ଅଭିମୁଖେ ଦମ୍ପତି କାର୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି। କାର୍‌ର ପଛ ଚକ ଏକ୍ସେଲ ଭାଙ୍ଗି ଯିବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ଗୁରୁତର ଦମ୍ପତିଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଅପରାହ୍ନରେ ପାଟଣା ଭୀମକୁଣ୍ଡ ରାସ୍ତାର ଡୁମୁରିଆ ନୂଆ ଶିବମନ୍ଦିର ପାର୍ଶ୍ୱରେ ପର୍ଯ୍ୟଟକଙ୍କ ବୋଲେରୋ ବିଲ ଭିତରକୁ ପଶି ଓଲଟି ପଡ଼ିଥିଲା। ଏଥିରେ ଜଣଙ୍କ ମୁଣ୍ଡ ଫାଟିଛି। ୨ ଘଟଣାରେ ଆହତଙ୍କ ପରିଚୟ ମିଳିପାରି ନାହିଁ।

# ୧ କୁଇଣ୍ଟାଲ ୮୬ କିଲୋ ପଲିଥିନ୍ ଜବତ

କେନ୍ଦୁଝର, ୮।୧୦
(ଦୀପକ ମିଶ୍ର/ନରେଶ ପଟ୍ଟନାୟକ)

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ମିଳିତ ଭାବେ କେନ୍ଦୁଝର ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରାଯାଇଛି। ୧ କୁଇଣ୍ଟାଲ ୮୬ କିଲୋ ପ୍ଲାଷ୍ଟିକ ଜରି, ପ୍ଲାଷ୍ଟିକ କ୍ୟାରିବ୍ୟାଗ୍, ଚାମଚ, ଗ୍ଲାସ୍, କପ୍, ଥର୍ମୋକୁଲ ପ୍ଲେଟ ଆଦି ଜବତ ସହ ସେମାନଙ୍କଠାରୁ ୧୮ ହଜାର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉ ବେଳେ ବହୁ ଦୋକାନୀ କୋଲକାତାରୁ ଏହି ନିଷିଦ୍ଧ ପ୍ଲାଷ୍ଟିକ ଏବଂ ଥର୍ମୋକୁଲ ସାମଗ୍ରୀ ଆଣୁଥିବା କହିଛନ୍ତି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ୍ ଗଠନ କରାଯାଇ ଗୁପ୍ତ ସୂଚନା ଆଧାରରେ ଗୋଦାମ କରି କେନ୍ଦୁଝର ଜିଲାରେ ହୋଲ୍‌ସେଲ ବ୍ୟବସାୟ ସ୍ଥାନରେ ଚଢ଼ଉ କରାଯିବ ବୋଲି ଜଣାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ଉପ ପରିବେଶ ଯନ୍ତ୍ରୀ ନିବେଦିତା ଦାଶ ବେବର୍ତ୍ତା, ସତ୍ୟନାରାୟଣ ଦାସ, ସନ୍ତୋଷ କୁମାର ନାୟକ, ପ୍ରମୋଦ ଦାସ, କେନ୍ଦୁଝରଗଡ଼ ପୌରପାଳିକାର ସାନିଟାରୀ ଇନ୍ସପେକ୍ଟର ପ୍ରମୋଦ କୁମାର ପଟ୍ଟନାୟକ, ଏମ୍‌ଆଇଏସ୍ ସୁଧୀର କୁମାର ବେହେରା, ଜୁନିୟର ସାନିଟାରୀ ଏକ୍ସପର୍ଟ ଦେବୀଦୀପ୍ତା ସାହୁ, ସ୍ୱାସ୍ଥ୍ୟକର୍ମୀ ରାଜେନ୍ଦ୍ର ନାରାୟଣ ଦାସ, ଟ୍ୟାକ୍ସ କଲେକ୍ଟର ସତ୍ୟ କୁମାର ପତି, କୃପାସିନ୍ଧୁ ପ୍ରଧାନ, ଆର୍‌ଆଇ ଗୋବିନ୍ଦ ଚନ୍ଦ୍ର ମୁର୍ମୁ, ସୁପରଭାଇଜର ଶ୍ରଦ୍ଧାଞ୍ଜଳି ମିଶ୍ର, ସ୍ୱଚ୍ଛସାଥୀ ବିଜୟଲକ୍ଷ୍ମୀ ନାୟକ, ଅନୀମା ମିଶ୍ର, ସତ୍ୟଭାମା ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।



ଗତ କିଛିଦିନ ହେଲା ଜିଲାର ଚମ୍ପୁଆ, ଯୋଡ଼ା ଓ ବଡ଼ବିଲ ଅଞ୍ଚଳରେ ମଧ୍ୟ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର

## କେନ୍ଦୁଝର ସହରରେ ଚଢ଼ାଉ

■ଜରିମାନା ଗଣିଲେ ବ୍ୟବସାୟୀ

ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଜବତ କରାଯାଇଛି। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିକ୍ରି ଏବଂ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ଥିଲେ ମଧ୍ୟ ଲୁଚାଛପାରେ ଏହାର କାରବାର ହେଉଛି। ଏହାକୁ ରୋକିବା ପାଇଁ ନିୟମିତ ଚଢ଼ାଉ ସତ୍ତ୍ୱେ କେତେକ ବ୍ୟବସାୟୀ ବିକ୍ରି କରି ଆସୁଛନ୍ତି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଆଗାମୀ ଦିନରେ ଜିଲାରେ ନିୟମିତ ଚଢ଼ାଉ କରାଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର କହିଛନ୍ତି। ସେହିପରି ଜିଲାର ସମସ୍ତ ପିକ୍‌ନିକ୍ ସ୍ପଟକୁ ପ୍ଲାଷ୍ଟିକମୁକ୍ତ ଘୋଷଣା କରଯାଇଛି। ପରିବେଶ ସ୍ୱଚ୍ଛ ରଖିବାକୁ ପର୍ଯ୍ୟଟକମାନେ ଏହାର ବିକଳ୍ପ ବ୍ୟବହାର କରିବାକୁ କୁହାଯାଇଛି। ବିଘଟନ ହେଉଥିବା ଶାଳ ଖଲିପତ୍ର ବ୍ୟବହାର କରିବାକୁ ପର୍ଯ୍ୟଟକମାନଙ୍କୁ ପରାମର୍ଶ ଦିଆଯାଇଛି।

# ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

କେନ୍ଦୁଝର, ୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସ୍ଥିତ ଡି.ଏନ. ହାଇସ୍କୁଲର ଅଡିଟୋରିୟମରେ ନଭେମ୍ବର ୪ରୁ ୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ୧୪ ଓ ୧୭ବର୍ଷରୁ କମ୍ ବାଳିକା ବାଳକ ବର୍ଗ ଆଥଲେଟିକ୍ସ ପ୍ରତିଯୋଗିତା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ ଅଧ୍ୟକ୍ଷତା କରି ବିଭିନ୍ନ କମିଟି ଗଠନ କରିବା ସହିତ ଶାନ୍ତିଶୃଙ୍ଖଳାରେ ଏହା କିପରି ଆୟୋଜନ କରାଯିବ ମତ ରଖିଥିଲେ। ବାଂଶପାଳ ବିଇଓ ତୃପ୍ତିମୟୀ ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଡିଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ଉପସ୍ଥିତ ରହି ଆଗାମୀ ରାଜ୍ୟସ୍ତରୀୟ ଆଥଲେଟିକ୍ସ ପ୍ରତିଯୋଗିତା କିପରି ସୁରୁଖୁରୁରେ ସମାପନ ହୋଇପାରିବ ମତ ରଖିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଫକୀରମୋହନ ମହାନ୍ତ ସଂଯୋଜନା କରିଥିଲେ। ବୈଠକରେ ୪୦ଜଣ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ସେମାନଙ୍କର ମତାମତ ରଖିଥିଲେ।

# ଖୋର୍ଦ୍ଧା ରୋଡ୍-କେନ୍ଦୁଝର ମେମୁରେ ପ୍ରବଳ ଭିଡ଼

କେନ୍ଦୁଝର, ୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ମଣ୍ଡଳର ଖୋର୍ଦ୍ଧାଠାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ୦୮୪୫୬ ମେମୁ ଟ୍ରେନ୍‌ରେ ମଙ୍ଗଳବାର ପ୍ରବଳ ଭିଡ଼ ହୋଇଛି। ଯାତ୍ରୀମାନେ ସିଟ୍ ନ ପାଇ ଭୁବନେଶ୍ୱରରୁ କେନ୍ଦୁଝର ପର୍ଯ୍ୟନ୍ତ ଛିଡ଼ା ହୋଇ ଆସିବାକୁ ବାଧ ହୋଇଛନ୍ତି। ଏହି ଟ୍ରେନ୍‌ରେ ମାତ୍ର ୮ଟି ବଗି ଥିବାରୁ କେନ୍ଦୁଝରରୁ ଖୋର୍ଦ୍ଧା ଓ ଖୋର୍ଦ୍ଧାରୁ କେନ୍ଦୁଝର ମଧ୍ୟରେ ଯାତାୟାତ କରୁଥିବା ଲୋକେ ସବୁବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକ ୪ଟି ବଗି ଲଗାଇବାକୁ ରେଳ ବିଭାଗ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ ହେଁ କେହି ଶୁଣୁ ନ ଥିବାରୁ ପ୍ରାୟ ସବୁଦିନ ଲୋକେ



ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି ବୋଲି ଯାତ୍ରୀ ପ୍ରତାପ ରାଉତ କହିଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲା ତଥା ନିର୍ବାଚନମଣ୍ଡଳୀର ଲୋକେ ହଇରାଣ ହେଉଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗ ତୁରନ୍ତ ଏହି ଟ୍ରେନ୍‌ରେ ଅଧିକ ୪ଟି ବଗି ଯୋଡ଼ିବା ସହ ରେଳ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବାକୁ କେନ୍ଦୁଝରବାସୀ ଦାବି କରିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ବଉଳା, ୮।୧୦(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକ ଅଧୀନ ସଡା ପଞ୍ଚାୟତ ମୌଦା ଗ୍ରାମର ସ୍ୱର୍ଗତ ମାୟାଧର ଜେନାଙ୍କ ସ୍ତ୍ରୀ ଚନ୍ଦ୍ରଲତା ଜେନା(୮୭)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ସେ ମହିମା ଧର୍ମର ପ୍ରଚାରକ ଓ ସାଧିକା ଥିବାବେଳେ ମାୟାଧର ଚନ୍ଦ୍ରଲତା ସେବା ସଂସଦର ପ୍ରତିଷ୍ଠାତା ଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଝିଅ ସନ୍ଧ୍ୟାରାଣୀ, ମଞ୍ଜୁଲତା, ସବିତା, ବିନିତା, ପୁଷ୍ପଲତା, ଜ୍ୱାଇଁ ଭଗବାନ, ରାଜୀବ, ଅରଣ୍ୟ, ଦୁର୍ଯ୍ୟୋଧନ ଓ ନାତିନାତୁଣି ଉପସ୍ଥିତ ଥିଲେ।

## ଦୁର୍ଘଟଣାସ୍ଥଳରେ ଏସ୍‌ଟିଏ ଟିମ୍

କେନ୍ଦୁଝର,୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଘଟଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଲଙ୍ଗଳକଣ୍ଟିଠାରେ ସୋମବାର ଟ୍ରେଲର ଧକ୍କାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଏସ୍‌ଟିଏର ଏକ ବୈଷୟିକ ଟିମ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଅନୁଧ୍ୟାନ କରିଛନ୍ତି। ଏସ୍‌ଟିଏର ଏହି ୪ ଜଣିଆ ଟିମ୍ ଦୁର୍ଘଟଣାର କାରଣ ଖୋଜି ସରକାରଙ୍କୁ ରିପୋର୍ଟ ଦେବେ ବୋଲି ସଡକ ସୁରକ୍ଷା ଅଧିକାରୀ ରାଜେଶ ସେଠୀ ସୂଚନା ଦେଇଛନ୍ତି। ବିଶେଷ କରି ଦୁର୍ଘଟଣାସ୍ଥଳରେ ରାସ୍ତାର ଅବସ୍ଥାକୁ ଅନୁଧ୍ୟାନ କରିବା ସହ ଲାଇଟ ଭେହିକିଲ ଅଣ୍ଡର ପାସ କାମ ଦେଖିଛନ୍ତି ।

# ଜାତୀୟ ବିଦ୍ୟାଳୟ କ୍ରୀଡ଼ା ପାଇଁ ମନୋନୀତ ଦୀପ୍ତିପ୍ରଭା, ପ୍ରଭାସିନୀ

ବଉଳା, ୮।୧୦(ଦୁର୍ଗା ପ୍ରସାଦ ଆୟଚ)

ଆସନ୍ତା ନଭେମ୍ବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଗୁଜରାଟର ଖେଡା ଜିଲାର ନଦିୟାଠାରେ ହେବାକୁ ଥିବା ଜାତୀୟ ବିଦ୍ୟାଳୟ କ୍ରୀଡ଼ା ପାଇଁ ଓଡ଼ିଶାରୁ ୪ଜଣ ବାଳିକା ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ହଦଗଡ଼ ପି.ଏମ୍.ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଦୀପ୍ତିପ୍ରଭା ପାତ୍ର (ତୀର ଚାଳନା) ଓ ଏକାଦଶ ଛାତ୍ରୀ ପ୍ରଭାସିନୀ ହାସଦା (ଖୋଖୋ) ବର୍ଗରେ ଚୟନ ହୋଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପି. ମଣିକଣ୍ଠନ ୨ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ହାଟଡିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଉପସ୍ଥିତ ରହି ଦୁଇ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ବନ୍ୟପ୍ରାଣୀ ସପ୍ତାହ ପାଳନ

ବଡ଼ବିଲ,୮।୧୦(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ନଗର ଭବନଠାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ରାଜ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି। ବଡ଼ବିଲ ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ଓ ସେମାନଙ୍କର ଆବାସସ୍ଥଳୀର ସଂରକ୍ଷଣ ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ସବିଶେଷ ତଥ୍ୟ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ କେ.ନାଗରାଜୁ, ଯୋଡ଼ା ଡିଡିଏମ୍ ଦିନେଶ ଅଗ୍ରୱାଲ, ଓଡ଼ିଶା ଖଣି ନିଗମ ଆଞ୍ଚଳିକ ଅଧିକାରୀ ଅବନୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ମା’ ଝିଅଙ୍କୁ ବନ୍ଧୁକ ଦେଖାଇ ଲୁଟିନେଲେ

ନୀଳଗିରି, ୮।୧୦(ପ୍ରଶାନ୍ତ ବିଶ୍ୱାଳ)

ବାପଘରୁ ଶାଶୁ ଘରକୁ ଝିଅ ସ୍କୁଟିରେ ବସି ଯାଉଥିବା ବେଳେ ମୁଣ୍ଡରେ ବନ୍ଧୁକ ଲଗାଇ ମା’ ଓ ଝିଅଙ୍କ ଗହଣା ଲୁଟି ନେଇଛନ୍ତି ୬ ଜଣ ଲୁଟେରା। ଏଭଳି ଘଟଣା ଘଟିଛି ନୀଳଗିରି ଥାନା ଅଧୀନ ଚଷାଖଣ୍ଡ ଗ୍ରାମ ନିକଟରେ। ଖନ୍ତାପଡ଼ା ପଞ୍ଚାୟତ ବେଦିପୁର ଗ୍ରାମର ସସ୍ମିତା ବେହେରା ଝିଅ ଋତୁପର୍ଣ୍ଣାଙ୍କ ସହ ସ୍କୁଟି ଯୋଗେ ବାଉଁଶବଣିଆସ୍ଥିତ ବାପଘରୁ ଶାଶୁ ଘରକୁ ଫେରୁଥିବା ବେଳେ ୩ଟି ବାଇକ୍‌ରେ ୬ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଆସି ଉଭୟ ମା’-ଝିଅଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପିନ୍ଧିଥିବା ସମସ୍ତ ଗହଣା ଲୁଟି ନେଇ ଖନ୍ତାପଡ଼ା ଆଡ଼କୁ ପଳେଇ ଯାଇଥିଲେ। ଏନେଇ ଉଭୟ ମା’-ଝିଅ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ପୋଲିସ ତଦନ୍ତ କରିବା ସହ ଉକ୍ତ ରାସ୍ତାର ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ ଜାରି ରଖିଛି।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ସମର୍ପିତ ହୁଅନ୍ତୁ

## ବାଲେଶ୍ୱରରେ ଆଇନ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲର ପଞ୍ଚମ ବାର୍ଷିକ ଉତ୍ସବ ‘ପାନାସିଆ’ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତରଙ୍କ ସମର୍ପଣ ଭାବ ରହିବା ଉଚିତ୍ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଆବଶ୍ୟକ ଆଇସିୟୁ ଯୋଗାଇ ଦିଆଯିବା ସହ ଖୁବ୍‌ଶୀଘ୍ର ପିଜି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରିବ ବୋଲି ମତବ୍ୟକ୍ତ କରିଥିଲେ।



ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଗହଣରେ ଦୁଇ ମନ୍ତ୍ରୀ ଓ ଅତିଥିଗଣ।

ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ଜ୍ଞାନେନ୍ଦ୍ର ନାଥ ବେହେରା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ରାଜପ୍ରସାଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହୋଇଥିଲା। ପ୍ରାରମ୍ଭରେ ଛାତ୍ର ସଂସଦ ଉପଦେଷ୍ଟା ଡା. ଶିବବ୍ରତ କର ସ୍ୱାଗତଭାଷଣ ଦେଇଥିଲେ। ଛାତ୍ର ସଂସଦ ସମ୍ପାଦକ ସୂର୍ଯ୍ୟ କୁମାର ମହାଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଜ୍ୟୋତିରାଦିତ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ ଯୋଗଦେବା ପୂର୍ବରୁ ମେଡ଼ିକାଲ କଲେଜ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ହରିଚନ୍ଦନ ଓ ମନ୍ତ୍ରୀ ମହାଲିଙ୍ଗ ଜିଲାର ସ୍ୱାସ୍ଥ୍ୟ ବିଭାଗ ଓ ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ଜିଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସ୍ଥିତି, ବିଶେଷଜ୍ଞ ଓ ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଅନ୍ୟାନ୍ୟ ପଦବୀ ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ପୂର୍ତ୍ତ ବିଭାଗ ଦ୍ୱାରା ଜିଲାରେ ରହିଥିବା ରୋଡ୍ ନେଟୱର୍କ ଓ ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ।

# ଉପାସନାଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର



ଅତିଥିଙ୍କଠାରୁ ଉପାସନା ପୁରସ୍କାର ଗ୍ରହଣ କରୁଛନ୍ତି।

ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବାଲେଶ୍ୱରର ‘ରେ ଅଫ୍ ହୋପସ୍’ ସଦସ୍ୟା ଉପାସନା ପଟ୍ଟନାୟକଙ୍କୁ ସବ୍‌ଡିଭିଜନସ୍ତରୀୟ ସମ୍ମାନଜନକ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ-୨୦୨୪ ପୁରସ୍କାର ପ୍ରଦାନ କରାଯାଇଛି। ବାଲେଶ୍ୱର ଡିଏଫ୍‌ଓଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଜିଲାସ୍ତରୀୟ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଉପାସନାଙ୍କୁ ଡିଏସ୍‌ପି ବ୍ରଜମୋହନ ପ୍ରଧାନ, ପରିବେଶବିତ୍ ଡ. ସୁବ୍ରତ କୁମାର ନାୟକ ଓ ଏସିଏଫ୍ ଦିଗନ୍ତ ଶୋଭନ ଚାନ୍ଦ ପ୍ରମୁଖ ମାନପତ୍ର ସହ ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସେ ଏବେ ବାୟୋ ସାଇନ୍ସେସ ଆଣ୍ଡ ବାୟୋ ଟେକ୍ନୋଲୋଜିରେ ଗବେଷଣାରତ ଛାତ୍ରୀ ଅଟନ୍ତି। ଜଳବାୟୁ ସ୍ଥିରତା ନିମନ୍ତେ ସ୍ଥାନୀୟ ସମ୍ପ୍ରଦାୟଙ୍କ ସହ କାର୍ଯ୍ୟ କରିଆସୁଛନ୍ତି। ବିଲୁପ୍ତପ୍ରାୟ ନୀଳରକ୍ତ କଙ୍କଡ଼ାର ଅନୁସନ୍ଧାନ ଓ ସୁରକ୍ଷା କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବନ୍ୟଜନ୍ତୁମାନଙ୍କର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ତାଙ୍କର ଅବଦାନ ଉଲ୍ଲେଖନୀୟ ରହିଛି। ଏହି ପୁରସ୍କାର ମିଳିବା ପରେ ‘ରେ ଅଫ୍ ହୋପସ୍’ର ପ୍ରତିଷ୍ଠାତା ସ୍ୱସ୍ତିକ କୁମାର ଦେଙ୍କ ସମେତ ଗବେଷକ, ସଂରକ୍ଷକଙ୍କ ସମେତ ବାଲେଶ୍ୱରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ବନ୍ୟପ୍ରାଣୀ ସପ୍ତାହ ପାଳିତ


ବିଦ୍ୟାଳୟ ପରିସରରୁ ସଚେତନତା ଶୋଭାଯାତ୍ରା।

ଜଳେଶ୍ୱର, ୮।୧୦
(ନବୀନ ସାହୁ/ରବି ନାରାୟଣ ପାତ୍ର)

ବୃକ୍ଷଲତା ତଥା ଜୀବଜନ୍ତୁଙ୍କୁ ଆବଶ୍ୟକ ସୁରକ୍ଷା ପ୍ରଦାନ କରିବା ଓ ପରିବେଶକୁ ସନ୍ତୁଳିତ କରିବାରେ କିଛି ମାତ୍ରାରେ ସହାୟତା କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲା ଜଳେଶ୍ୱର ରେଞ୍ଜ ବରଡ଼ିହା ଉପବନଖଣ୍ଡ ବିଭାଗ ତରଫରୁ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଖୁଆଡ଼ ଗ୍ରାମରେ ଦୀନକୃଷ୍ଣ ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟରେ ପିଲାମାନେ ମଙ୍ଗଳବାର ବିଦ୍ୟାଳୟରୁ ବାହାରି ହସ୍ପିଟାଲ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ଯାଇଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର, ଖୁଆଡ଼ ଏବଂ କଳମା ପଞ୍ଚାୟତର ସମିତିସଦସ୍ୟ ସହିତ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ, ରାଇବଣିଆ ବନପାଳ ପ୍ରହ୍ଲାଦ ନାୟକ, ବନରକ୍ଷୀ ଦିଲୀପ ସିଂ ସହିତ ଜଳେଶ୍ୱର ବନପାଳ ମୀନାରାଣୀ ବେହେରା, ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି, ଜଳେଶ୍ୱର ବନରକ୍ଷୀ ରଞ୍ଜିତା ବିଶ୍ୱାଳ, ଗ୍ରାମବାସୀ ଶିବଶଙ୍କର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପ୍ରାମାଣିକ ସହିତ ବନକର୍ମଚାରୀ ଉପସ୍ଥିତ ରହି ଜଙ୍ଗଲ ଓ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଜଙ୍ଗଲ ଅଧ୍ୟୁଷିତ ଗାଁ ଲୋକଙ୍କୁ ଜଙ୍ଗଲ ଓ ବନଜନ୍ତୁ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ।

# ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଅଫିସରେ ତାଲା ମାରିଲେ ଶତାଧିକ ମହିଳା

ବାଲିଆପାଳ, ୮।୧୦(ଅମୂଲ୍ୟ କୁମାର ଦାସ)

ଏସଏଚ୍‌ଜି ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ପ୍ରଭାକର ଦାସଙ୍କୁ କାର୍ଯ୍ୟାଳୟ ଭିତରେ ତାଲା ମାରି ଅଟକ ରଖିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳା ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ପ୍ରୋଜେକ୍ଟ ମ୍ୟାନେଜର ଦାସଙ୍କ ନିକଟକୁ ଏସଏଚ୍‌ଜି ମହିଳାମାନେ ବାରମ୍ବାର ବିଭିନ୍ନ ଅଭିଯୋଗ ନେଇ ଯାଉଥିବା ବେଳେ ସେ କୌଣସି କଥାକୁ କର୍ଣ୍ଣପାତ କରୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଶତାଧିକ ମହିଳା କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଦେଖା କରି ସମସ୍ୟା ବାବଦରେ ପଚାରିବାରୁ ସେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିବା ନେଇ ମହିଳାମାନେ ଅଭିଯୋଗ କରିଛନ୍ତି।


ମହିଳାମାନେ ଧାରଣାରେ ବସିଛନ୍ତି।

# ଅଭିଯୁକ୍ତ ସ୍ୱାମୀଙ୍କୁ ୨ ବର୍ଷ ଜେଲ

## ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ ମାମଲା

ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ)- ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ମାମଲାର ଶୁଣାଣି କରି ମଙ୍ଗଳବାର ବାଲେଶ୍ୱର ଜେଏମ୍‌ଏଫ୍‌ସି (ୟୁଟିଟି) କୋର୍ଟ ଜଜ୍ ଆଦିତ୍ୟ ନାରାୟଣ ମହାରଣା ଅଭିଯୁକ୍ତ ସ୍ୱାମୀ ସେକ ଅରବାଜଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୬ ସପ୍ତାହ ମଧ୍ୟରେ ୩୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ଲାଗି ଅଭିଯୁକ୍ତ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯେ, ବାଲେଶ୍ୱର ଜିଲା ଟାଉନ୍ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସଦରଦେବଖୁଣ୍ଟା ଥାନା ଜାଦପୁର ଅଞ୍ଚଳର ସେକ ଅରବାଜ ଗତ ୨୦୨୨ ଡିସେମ୍ବର ୨୮ରେ ଉଭୟ ପରିବାରର ସହମତିରେ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ ଅରବାଜ ଓ ପରିବାର ଲୋକେ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ଜନିତ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ବିବାହ ସମୟରେ ଘରର ସମସ୍ତ ଆସବାବପତ୍ର ସହ ସୁନା ଅଳଙ୍କାର ଦିଆଯାଇଥିଲା। ଏହାସତ୍ତ୍ୱେ ନୂତନ ବ୍ୟବସାୟ କରିବା ପାଇଁ ଅରବାଜ ସ୍ତ୍ରୀଙ୍କ ବାପଘରୁ ୧୦ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଦାବି କରିଥିଲେ। ଏପରିକି ସ୍ତ୍ରୀ ଓ ଶ୍ୱଶୁର ଘର ପରିବାରକୁ ଏସିଡ୍ ମାଡ଼ କରିବା ଓ ହତ୍ୟା ଧମକ ଦେଇଥିଲେ। ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓକୁ ସୋସିଆଲ ମିଡ଼ିଆରେ ସ୍ୱାମୀ ଅରବାଜ ଭାଇରାଲ କରିଥିଲେ। ଏନେଇ ପୀଡ଼ିତାଙ୍କ ବାପଘର ପକ୍ଷରୁ ବାଲେଶ୍ୱର ସାଇବର ଥାନାରେ ୨୦୨୩ ମେ’ ୧୩ ତାରିଖରେ ଅଭିଯୋଗ ହୋଇଥିଲା। ସାଇବର ଥାନା ପୋଲିସ ଏକ ମାମଲା (ନଂ. ୧୪/୨୩) ରୁଜୁ କରିଥିଲା। ବିବାହ ପୂର୍ବରୁ ସେକ ଅରବାଜ ଉକ୍ତ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ଭାଇରାଲ କରିଥିବା ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୨୫୫/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ଘଟଣାର ପୁନରାବୃତ୍ତି ନ କରିବା ସର୍ତ୍ତରେ ଅଭିଯୁକ୍ତ ଅରବାଜଙ୍କୁ ଜାମିନ ମିଳିଥିଲା। ଏହି ମାମଲାରେ ୮ଜଣ ସାକ୍ଷୀଙ୍କୁ ଆଧାର କରି ଜଜ୍ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଲତିକା ରଣା ମାମଲାର ପରିଚାଳନା କରୁଥିଲେ।

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

## ୬୨ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଅର୍ଥ ହଡ଼ପ ମାମଲା

ସିମୁଳିଆ, ୮।୧୦(ସନ୍ତୋଷ ନାୟକ)

୬୨ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଅର୍ଥ ହେରଫେର ଓ ବିଭିନ୍ନ ଅନିୟମିତତାକୁ ନେଇ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଡୁଲି ଖଜୁରେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୂରଲୀଧର ମଲ୍ଲିକଙ୍କୁ ସିମୁଳିଆ ବିଇଓ ପ୍ରକାଶ ଚନ୍ଦ୍ର ମହାଲିକ ପତ୍ର ସଂଖ୍ୟା ୨୧୦୭ ମୂଳେ ମଙ୍ଗଳବାର ନିଲମ୍ବିତ କରିଛନ୍ତି।

ଗତ ୨୦୨୧-୨୨ ଶିକ୍ଷା ବର୍ଷରେ ୬୨ଜଣ ହରିଜନ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଅର୍ଥ ବାବଦରେ ଆସିଥିବା ୧୩ହଜାର ୯୮୦ଟଙ୍କା ହଡପ ହେବା ସମ୍ପର୍କରେ ଅଭିଯୋଗ ହୋଇଥିଲା । ସେହିପରି କମିଟିର ସଭାପତି ଓ ଅନ୍ୟମାନଙ୍କ ଦସ୍ତଖତ ଜାଲ କରାଯିବା ସହିତ ମୋ ସ୍କୁଲ ଅର୍ଥ, କମ୍ପୋଜିଟ୍ ଅର୍ଥ ଆଦି ବିଭିନ୍ନ ଅନୁଦାନ ହେରଫେର କରାଯାଇଥିବା ଶିକ୍ଷା କମିଟି, ଗ୍ରାମବାସୀ ଓ ଅଭିଭାବକମାନେ ଅଭିଯୋଗ କରିଥିଲେ। ପରେ ଶିକ୍ଷକ ମୂରଲୀଧରଙ୍କୁ ଗତ ୧୧।୦୭।୨୩ରେ ଡେପୁଟେଶନରେ ବାଲିକଣା ପ୍ରାଥମିକ ବିଦ୍ୟାଳୟକୁ ପଠାଇ ଦିଆଯାଇଥିଲା । ପୁନଶ୍ଚ ଉକ୍ତ ଶିକ୍ଷକ ବାଡୁଲି ବିଦ୍ୟାଳୟକୁ ଆସିବା ପାଇଁ ଜିଦ୍ କରିଥିଲେ । ଶିକ୍ଷକ ମୂରଲୀଧର ଏହି ବିଦ୍ୟାଳୟକୁ ଆସିଲେ ଶିକ୍ଷା କମିଟି ଓ ଗ୍ରାମବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଗତ ୨୦।୯।୨୪ରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓ ଏମ୍‌ପି ଉକ୍ତ ଶିକ୍ଷକଙ୍କ ବିରୋଧରେ ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ୨୫।୯।୨୪ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ପ୍ରକାଶ ଚନ୍ଦ୍ର ମଲିକଙ୍କ ନିର୍ଦ୍ଦେଶରେ ଏବିଇଓ ଅଜୟ କୁମାର ପଣ୍ଡା ଓ ବିଦ୍ୟାଧର ମହାଲିକ ଏହି ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ ।

ଖଜୁରେଶ୍ୱର ବିଦ୍ୟାଳୟର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବାରିକଙ୍କୁ ବିଇଓଙ୍କ ପତ୍ର ସଂଖ୍ୟା ୨୦୯୪ ଅନୁଯାୟୀ ଦଶଭୁଜା ସରକାରୀ ବିଦ୍ୟାଳୟକୁ ସ୍ଥାନାନ୍ତର ଓ କବୀରପୁର ନୋଡାଲ ୟୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ବିଶ୍ୱାଳଙ୍କୁ ପତ୍ରସଂଖ୍ୟା ୨୧୦୦ରେ ବାଡୁଲି ଖଜୁରେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୂପେ ନିଯୁକ୍ତ କରାଯାଇଥିବା ବିଇଓ ସୂଚନା ଦେଇଛନ୍ତି । ଗତ ୨୦।୯।୨୪ରେ ‘ଧରିତ୍ରୀ’ରେ ‘୬୨ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଟଙ୍କା ହଡ଼ପ’ ଓ ଗତ ୨୬।୯।୨୪ରେ ‘ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ତଦନ୍ତ କଲେ ଏବିଇଓ’ ଶୀର୍ଷକରେ ଖବର ପ୍ରକାଶ ପାଇଥିଲା ।

# ଅମାନିଆ ଉଠା ଦୋକାନୀଙ୍କଠାରୁ ଜରିମାନା ଆଦାୟ

ସୋର, ୮।୧୦(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା ଅଞ୍ଚଳରେ ଥିବା ଡାକ୍ତରଖାନା ଛକ ନିକଟରୁ ବାମ୍ଫି ଛକ ମଧ୍ୟରେ ବିଭିନ୍ନ ଉଠାଦୋକାନୀଙ୍କ ନିକଟରୁ ପୌରପାଳିକା ତରଫରୁ ଜରିମାନା ଆଦାୟ କରାଯାଇଛି। ପାର୍ବଣ ଋତୁ ଚାଲିଥିବା ବେଳେ ଭିଡ଼କୁ ଆଖି ଆଗରେ ରଖି ଦୋକାନୀଙ୍କୁ କିଛି ଦିନ ପୂର୍ବରୁ ଉଚ୍ଛେଦ କରାଯାଇଥିଲା ଏବଂ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା। ମାତ୍ର ଅମାନିଆ ଉଠା ଦୋକାନୀମାନେ ଏହାକୁ ଖାତିର ନ କରି ପୁଣି ଦୋକାନକୁ ରାସ୍ତା ଉପରକୁ ସମ୍ପ୍ରସାରଣ କରିଥିଲେ। ଫଳରେ ମଙ୍ଗଳବାର ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ୧ ପ୍ଲାଟୁନ ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚି ଦୋକାନୀଙ୍କୁ ସଚେତନ କରିବା ସହିତ ଅମାନିଆ ଦୋକାନୀଙ୍କ ନିକଟରୁ ଜରିମାନା ଆଦାୟ କରିଥିଲେ। ଏଥିରେ ୨୦ ହଜାର ଟଙ୍କା ଆଦାୟ ହୋଇଥିବା ଜଣାପଡିଛି।

# ପ୍ରସ୍ତାବିତ ଜନଶୁଣାଣି ଶିବିରକୁ କୈବର୍ତ୍ତ ମହାସଭାର ବିରୋଧ

କାଳିପଦା, ୮।୧୦
(ରାଜଶ୍ରୀ ପାଣିଗ୍ରାହୀ)

ସୁବର୍ଣ୍ଣରେଖା ପୋର୍ଟ ପ୍ରା. ଲିଃ ଓ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ବନ୍ଦର ବିସ୍ଥାପିତଙ୍କ ସକାଶେ ଆସନ୍ତା ୨୨ତାରିଖ ଉଗରା ମକର ପଡ଼ିଆରେ ହେବାକୁ ଥିବା ଜନଶୁଣାଣି ଶିବିରକୁ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ବିରୋଧ କରିବ। ଏନେଇ ମହାସଭାର ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର କୁମାର ଖଣ୍ଡା ସୋମବାର ଗଣମାଧ୍ୟମକୁ ଜଣାଇଛନ୍ତି।

ପୂର୍ବରୁ ବାଲିଆପାଳ ନିକଟ ବାସୁଦେବପୁର ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଜନଶୁଣାଣି ହେବା ନେଇ ନିଷ୍ପତ୍ତି ହୋଇଥିଲା। କାହା ସ୍ୱାର୍ଥରେ ତାରିଖ ଓ ସ୍ଥାନ ପରିବର୍ତ୍ତନ କରାଗଲା ବୋଲି ଖଣ୍ଡା ପ୍ରଶ୍ନ ଉଠାଇଛନ୍ତି। ବାସୁଦେବପୁର ପଡ଼ିଆ ବସ୍ତା ଓ ବାଲିଆପାଳ ବ୍ଲକ ପାଇଁ ମଧ୍ୟସ୍ଥଳ ହୋଇଥାନ୍ତା। ବନ୍ଦର ପାଇଁ ହେବାକୁ ଥିବା ସଡ଼କ ଓ ରେଳପଥ ପାଇଁ ଯେଉଁମାନେ ଜମି ଓ ଜାଗା ଦେଇଛନ୍ତି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁବିଧା ସୁଯୋଗ ଦିଆଯାଉ ବୋଲି ଖଣ୍ଡା ଜଣାଇଛନ୍ତି। ଅନ୍ୟପକ୍ଷରେ ବନ୍ଦର ଯୋଗୁ ହଜାର ହଜାର କୈବର୍ତ୍ତ ଲୋକ ସେମାନଙ୍କ ଜୀବିକା ହରାଇବେ। ସେମାନଙ୍କୁ ଜନଶୁଣାଣି ଶିବିରକୁ ଡକାଯିବା ଦରକାର। ବନ୍ଦର ଆଖପାଖ ଅଞ୍ଚଳରେ ପୁରୁଷ ପୁରୁଷ ଧରି କୈବର୍ତ୍ତମାନେ ସମୁଦ୍ରରୁ ମାଛ ମାରି ଜୀବିକା ନିର୍ବାହ କରନ୍ତି। ସେମାନଙ୍କୁ ଉପଯୁକ୍ତ ଥଇଥାନ କରାଯାଉ, ବନ୍ଦର ହେଲେ ସେମାନେ ଉଦବାସ୍ତୁ ହେବା ସହିତ ଜୀବିକା ହରାଇବେ। ଉଗରାଠାରେ ପ୍ରସ୍ତାବିତ ଜନଶୁଣାଣି ଶିବିର ଭଣ୍ଡୁର ହେବ ବୋଲି ଖଣ୍ଡା କହିଛନ୍ତି। ମୋହନ ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ମଧ୍ୟ କହିଛନ୍ତି। ଜନଶୁଣାଣି ଶିବିର ବାଲିଆପାଳ ଓ ବସ୍ତା ବ୍ଲକର ମଧ୍ୟସ୍ଥଳରେ କ୍ଷତିଗ୍ରସ୍ତ ଲୋକମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଠିକ୍ ଭାବେ ଉପସ୍ଥାପନ କରିପାରିବେ ବୋଲି ସେ ମଧ୍ୟ କହିଛନ୍ତି। ଯଦି ଏହାକୁ କାର୍ଯ୍ୟକାରୀ କରା ନ ଯାଏ ତାହାଲେ ହଜାର ହଜାର କୈବର୍ତ୍ତ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଖଣ୍ଡା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ତେବେ ଏନେଇ ବନ୍ଦର କର୍ତ୍ତୃପକ୍ଷ ପ୍ରଶାସନ ଯାହା କିଛି ନିଷ୍ପତ୍ତି ନେବ ବୋଲି କହିଛନ୍ତି।

# ରାସ୍ତାରେ ପଡ଼ିଥିବା ମାଂସ ପିଣ୍ଡୁଳାକୁ ନେଇ ଚର୍ଚ୍ଚା

ବାହାନଗା, ୮।୧୦(ଅରୂପ୍ କୁମାର ଦାସ)

ମଙ୍ଗଳବାର ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣାର ୧୬ନମ୍ବର ଜାତୀୟ ରାଜପଥ କଡରେ ପଡିଥିବା ମାଂସ ପିଣ୍ଡୁଳାକୁ ନେଇ ଜୋରସୋରରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। କେହି ଏହାକୁ ଶିଶୁର କଟାମୁଣ୍ଡ କହି ପ୍ରଚାର କରିଥିଲେ। ପରେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ଏହା କୌଣସି ଛୋଟ ପିଲାର କଟାମୁଣ୍ଡ ନୁହେଁ ତାହା ଏକ ଷଣ୍ଢର ଶିଂଘ ଭାଙ୍ଗିଯିବା ପରେ ସେହି ସ୍ଥାନରେ ଏକ ଟ୍ୟୁମର ବଢିଥିଲା। ସେହି ଟ୍ୟୁମରକୁ ନିକଟସ୍ଥ ପ୍ରାଣୀ ଚିକିତ୍ସକ ମଝିରେ ଚିକିତ୍ସା କରିଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲେ। ମାତ୍ର ଶିଂଘ ଉପରେ ବଢିଥିବା ମାଂସ ପିଣ୍ଡୁଳାକୁ ଷଣ୍ଢଟି ଗଛ ବା ବ୍ରିଜ୍ କାନ୍ଥରେ ଘସିଦେଇଥିବାରୁ ତାହା ଛିଣ୍ଡିପଡିଛି। ଫଳରେ ରାସ୍ତାକଡ ବ୍ରିଜ୍ କାନ୍ଥ ନିକଟରେ ମାଂସ ପିଣ୍ଡୁଳା ପଡିଥିଲା। ତାହାକୁ ଦେଖି ଲୋକମାନେ ପ୍ରଥମେ ଖନ୍ତାପଡା ଥାନା ପୋଲିସ୍‌କୁ ଖବର ଦେଇଥିଲେ। ଖନ୍ତାପଡା ଥାନା ଭାରପ୍ରାପ୍ତ ଅଧିକାରୀ ବିରଞ୍ଚି ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସଦର ଏସ୍‌ଡିପିଓ ଶଶାଙ୍କଶେଖର ବେଓରା, ଭେଟନାରି ଅଫିସର ବିଶ୍ୱଜିତ ମହାନ୍ତି, ଏଲଆଇ ମନ୍ମଥ ମହାଳିକ, ଟେକ୍ନିକାଲ ଅଫିସର ଭୂବନାନନ୍ଦ ମଳିକଙ୍କ ସମେତ ହାଇୱେ ପାଟ୍ରୋଲିଂ ପୋଲିସ୍ ଦୀପକ କୁମାର ବେହେରା, ଜିଲା ସାଇଣ୍ଟିଫିକ୍ ଟିମ୍ ସହିତ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ : ୩୨ ପୁରସ୍କୃତ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅନ୍ୟମାନେ।

ବାରିପଦା,୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସଂକଳ୍ପ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ, ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ଓ ସାଇ କିରଣ, କରଞ୍ଜିଆ ଡିଏଫଓ ସୁବ୍ରତ କୁମାର ପାତ୍ର ଯୋଗଦେଇ ଜନସାଧାରଣଙ୍କ ସହଭାଗିତା ଜରିଆରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବନଖଣ୍ଡ ଅଧୀନ ୧୪ଟି ବ୍ଲକରୁ ୧୪ଟି ଅନୁଷ୍ଠାନ,ଶିକ୍ଷାନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୧୪ଜଣ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ବନ୍ଧୁ ଓ ବାରିପଦା, କପ୍ତିପଦା, ବାମନଘାଟି ଏବଂ ପଞ୍ଚପିଢ଼ ଉପଖଣ୍ଡରୁ ୪ଜଣଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ଏଏସିଏଫ୍ ରବି ନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ବନ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ରାଇକମା ଆଶ୍ରମ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ବୈଶିଙ୍ଗା,୮।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଂକଳ୍ପ ବୈଠକ ହଲରେ ୭୦ତମ ବନ୍ୟ ପ୍ରାଣୀ ସୁରକ୍ଷା ସପ୍ତାହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ, ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନୀତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ଜିଲାସ୍ତରୀୟ ସମସ୍ତ ବନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତ ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟକୁ ମନ୍ତ୍ରୀ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଇକମା ଆଶ୍ରମ ବିଦ୍ୟାଳୟ ୨୦୧୭ରେ ଜିଲାସ୍ତରୀୟ,ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର, ୨୦୨୦ରେ ଆଇଏସ୍‌ଓ ପ୍ରମାଣପତ୍ର ପ୍ରାପ୍ତ ହୋଇ ରାଜ୍ୟସ୍ତରରେ ଏକ ଆଦର୍ଶ ଆବାସିକ ବିଦ୍ୟାଳୟ ଭାବେ ସୁନାମ ଅର୍ଜନ କରିଛି। ସହକାରୀ ଶିକ୍ଷୟିତ୍ରୀ ନୀଳାକ୍ଷୀ ଦାସ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟରଞ୍ଜନ ରାଉତ ତଥା ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ପୁରସ୍କାର ଗ୍ରହଣ କରିଥିଲେ।

